# ରାଉରକେଲା ମହାନଗର ନିଗମ, ରାଉରକେଲା

ଉଦିତନଗର, ରାଉରକେଲା, ୭୬୯୦୧୨
ଦୂରଭାଷ: : (୦୬୬୧-୨୫୦୦୩୮୮)

ଚିଠି ସଂଖ୍ୟା: ୧୩୭୩୫ ତାରିଖ: ୧୮-୧୦-୨୦୨୧

## ବିଜ୍ଞପ୍ତି

ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପତ୍ର ସଂଖ୍ୟା- ୫୦୧୪, ତାରିଖ: ୨୮.୦୯.୨୦୨୧ ଅନୁଯାୟୀ ରାଉରକେଲା ମହାନଗର ନିଗମ ଅଧିନସ୍ଥ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ସ୍ୱୟଂ ସହାୟକ ଗୋଷ୍ଠୀର ଯେକୌଣସି ସଭ୍ୟା ନିମ୍ନଲିଖିତ ଯୋଗ୍ୟତା ଅନୁଯାୟୀ ନିଜ ୱାର୍ଡରେ ଜଳ କର ଆଦାୟ ନିମନ୍ତେ ଖାଲିଥିବା ଜଳସାଥୀ ପଦବୀ ପାଇଁ ଆବେଦନ କରିପାରିବେ । ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏକ ନିର୍ଦ୍ଧାରିତ ଫର୍ମରେ ମହାନଗର ନିଗମ ଆୟୁକ୍ତଙ୍କୁ ଆବେଦନ କରିପାରିବେ । ଦରଖାସ୍ତଟି ତା ୨୭-୧୦-୨୦୨୧ ରିଖ ଅପରାହ୍ନ ୩ ଘଟିକା ସୁଦ୍ଧା ମହାନଗର ନିଗମ କାର୍ଯ୍ୟାଳୟ ଠାରେ ଥିବା ଜଳସାଥୀ ପାଇଁ ଉଦ୍ଦିଷ୍ଟ ବାକ୍ସରେ ପକାଇ ପାରିବେ । କୌଣସି ଦରଖାସ୍ତ ହସ୍ତରେ ଗ୍ରହଣ କରାଯିବ ନାହିଁ । ମୌଖିକ ପରୀକ୍ଷା ନିମନ୍ତେ ସମସ୍ତ ଦରଖାସ୍ତକାରୀ **୨୮-୧୦-୨୦୨୧ ପୂର୍ବାହ୍ନ ୧୧ ଘଟିକା** ସମୟରେ ରାଉରକେଲା ମହାନଗର ନିଗମ କାଉନସିଲ ହଲରେ ସମସ୍ତ ମୂଳ ଡକ୍ୟୁମେଣ୍ଟ୍ ସହିତ ଉପସ୍ଥିତ ରହିବା ପାଇଁ ଅନୁରୋଧ ।

**ଜଳସାଥି ଚୟନ ନିମନ୍ତେ ଆବଶ୍ୟକ ଥିବା ଯୋଗ୍ୟତା :**

(୧) ଆବେଦନକାରୀଙ୍କ ବୟସ ୧୮ ରୁ ୪୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।
(୨) ଆବେଦନକାରୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ହୋଇଥିବେ ।
(୩) ଆବେଦନକାରୀ ନ୍ୟୁନତମ ଦଶମ ଶ୍ରେଣୀ ପାସ କରିଥିବା ଆବଶ୍ୟକ ।
(୪) ଆବେଦନକାରୀ ୨ ବର୍ଷ ଧରି ସ୍ୱୟଂ ସହାୟକ ଗୋଷ୍ଠୀର ସକ୍ରିୟ ସଦସ୍ୟା ହୋଇଥିବା ଦରକାର ।
(୫) ଆବେଦନକାରୀଙ୍କ ନାମରେ ବ୍ୟାଙ୍କ ପାସବୁକ ଓ ଡେବିଟ କାର୍ଡ (ATM) ଥିବା ଆବଶ୍ୟକ ।
(୬) ଆବେଦନକାରୀଙ୍କ ନାମରେ ବ୍ୟକ୍ତିଗତ **Smart Phone** ଥିବା ଆବଶ୍ୟକ ।
(୭) ଆବେଦନକାରୀ କୌଣସି ସରକାରୀ ଯୋଜନାରେ କାର୍ଯ୍ୟ କରୁନଥିବେ ।
(୮) ଆବେଦନକାରୀଙ୍କ ନାମରେ କୌଣସି ଅପରାଧିକ ମାମଲା ବା ରାଜନୈତିକ ସମ୍ପୃକ୍ତି ନଥିବ ।

ଉପ-ଆୟୁକ୍ତ
ରାଉରକେଲା ମହାନଗର ନିଗମ

ପରିପତ୍ର ସଂଖ୍ୟା : ୧୩୭୩୬ ତାରିଖ: ୧୮-୧୦-୨୦୨୧

ଏହି ବିଜ୍ଞପ୍ତିର ନକଲ ରାଉରକେଲା ମହାନଗର ନିଗମର ୱେବସାଇଟ୍ ଓ ବିଜ୍ଞାପନ ଫଳକ ଏବଂ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ବିଜ୍ଞାପନ ଫଳକରେ ପ୍ରକାଶନ କରାଯାଇ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା । ଏହାର ଏକକିତା ନକଲ ଶିଶୁ ବିକାଶ ଯୋଜନା ଅଧିକାରୀ - ସିଭିଲ ଟାଉନସିପ୍, ଉଦିତନଗର ଓ ଶିଳ୍ପାଞ୍ଚଳ / ମହାନଗର ନିଗମର ସମସ୍ତ ଗୋଷ୍ଠୀ ସଙ୍ଗଠିକାଙ୍କ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ-ଆୟୁକ୍ତ
ରାଉରକେଲା ମହାନଗର ନିଗମ

<table>
<tr><th colspan="2">ଜଳସାଥୀ ଖାଲିଥିବା ପଦବୀ</th></tr>
<tr><th>ନୂତନ ୱାର୍ଡ ନଂ</th><th>ଖାଲିଥିବା ପଦବୀ ସଂଖ୍ୟା</th></tr>
<tr><td>୫</td><td>୧</td></tr>
<tr><td>୭</td><td>୧</td></tr>
<tr><td>୮</td><td>୧</td></tr>
<tr><td>୯</td><td rowspan="2">୧</td></tr>
<tr><td>୧୦</td></tr>
<tr><td>୧୧</td><td>୧</td></tr>
<tr><td>୧୨</td><td>୧</td></tr>
<tr><td>୧୪</td><td>୧</td></tr>
<tr><td>୧୮</td><td>୧</td></tr>
<tr><td>୨୩</td><td>୧</td></tr>
<tr><td>୨୪</td><td>୧</td></tr>
<tr><td>୨୫</td><td rowspan="2">୧</td></tr>
<tr><td>୨୬</td></tr>
<tr><td>୨୯</td><td rowspan="4">୨</td></tr>
<tr><td>୩୦</td></tr>
<tr><td>୩୧</td></tr>
<tr><td>୩୨</td></tr>
<tr><td>୩୩</td><td>୧</td></tr>
<tr><td>୩୪</td><td rowspan="2">୧</td></tr>
<tr><td>୩୫</td></tr>
<tr><td>୩୬</td><td rowspan="2">୧</td></tr>
<tr><td>୩୭</td></tr>
<tr><td>୩୮</td><td rowspan="3">୧</td></tr>
<tr><td>୩୯</td></tr>
<tr><td>୪୦</td></tr>
<tr><td>ସମୁଦାୟ ଖାଲିଥିବା ପଦବୀ ସଂଖ୍ୟା</td><td>୧୭</td></tr>
</table>

# ରାଉରକେଲା ମହାନଗର ନିଗମ, ରାଉରକେଲା

## ଜଳସାଥୀ ପଦବୀ ନିମନ୍ତେ ଆବେଦନ ଫର୍ମ

| | | |
|---|---|---|
| ୧ | ସଭ୍ୟାଙ୍କ ନାମ | |
| ୨ | ସଭ୍ୟା ବାସ କରୁଥିବା ଅଞ୍ଚଳର ସମ୍ପୂର୍ଣ ଠିକଣା | |
| ୩ | ସଭ୍ୟାଙ୍କର ବୟସ | |
| ୪ | ନୂତନ ୱାର୍ଡ ସଂଖ୍ୟା | |
| ୫ | ସ୍ୱୟଂ ସହାୟକ ଗୋଷ୍ଠୀର ନାମ | |
| ୬ | ଆବେଦନକାରୀ ସ୍ୱୟଂ ସହାୟକ ଗୋଷ୍ଠୀରେ କେବେ ଠାରୁ ସଦସ୍ୟା ଅଛନ୍ତି? | |
| ୭ | ସଭ୍ୟାଙ୍କର ଶିକ୍ଷାଗତ ଯୋଗ୍ୟତା | |
| ୮ | ସଭ୍ୟାଙ୍କର ମୋବାଇଲ ନମ୍ବର | |

ସଙ୍କଳ୍ପନାମା: ମୁଁ କୁମାରୀ/ଶ୍ରୀମତୀ ________________________________ ବାପା/ସ୍ୱାମୀଙ୍କ ନାମ ________________________________, ଘୋଷଣା କରୁଅଛିକି, ମୋର ନିଜର **Smart Phone** ଅଛି, ମୁଁ ବର୍ତ୍ତମାନ କୌଣସି ସରକାରୀ ଯୋଜନାରେ କାର୍ଯ୍ୟ କରୁନାହିଁ ଓ ମୋ ନାମରେ କୌଣସି ଅପରାଧିକ ମାମଲା ବା ରାଜନୈତିକ ସମ୍ପୃକ୍ତି ନାହିଁ । ଯଦି ଭବିଷ୍ୟତରେ କୌଣସି ପ୍ରମାଣ ମିଳେ ତେବେ ମୋ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମୁଁ ପ୍ରସ୍ତୁତ ଅଛି ।

ଆବେଦନକାରୀ ସଭ୍ୟାଙ୍କ ସ୍ୱାକ୍ଷର

### ସଂଲଗ୍ନ କରାଯାଇଥିବା ଆବଶ୍ୟକୀୟ ଦସ୍ତାବିଜ :

| କ୍ର: ସଂ: | ଦସ୍ତାବିଜର ସବିଶେଷ ବିବରଣୀ | ପୃଷ୍ଠା ସଂଖ୍ୟା |
|---|---|---|
| ୧ | ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ (ସାର୍ଟିଫିକେଟ୍ ଓ ମାର୍କସିଟ୍ ଉଭୟର ନକଲ ) | |
| ୨ | ଜନ୍ମ ତାରିଖର ପ୍ରମାଣପତ୍ରର ନକଲ (ଆଧାର କାର୍ଡ) | |
| ୩ | ସ୍ୱୟଂ ସହାୟକ ଗୋଷ୍ଠୀରେ କେବେ ସାମିଲ ହେଲେ ତାହାର ପ୍ରମାଣ (ଅଧିବେଶନ ବିବରଣୀ) | |
| ୪ | ସ୍ୱୟଂ ସହାୟକ ଗୋଷ୍ଠୀଦ୍ୱାରା ସଭ୍ୟାଙ୍କୁ ମନୋନୀତ କରାଯାଇଥିବା ଅଧିବେଶନ ବିବରଣୀର ନକଲ | |
| ୫ | ବ୍ୟକ୍ତିଗତ ବ୍ୟାଙ୍କ ପାସବୁକର ନକଲ । (ପ୍ରଥମ ପୃଷ୍ଠାର ନକଲ) | |
| ୬ | ସ୍ୱୟଂ ସହାୟକ ଗୋଷ୍ଠୀ ବ୍ୟାଙ୍କ ପାସବୁକର ନକଲ । (ଶେଷ ୬ ମାସର) | |
| ୭ | ପାସପୋର୍ଟ ଫୋଟୋ- ୧ଟି | |

ସଭାନେତ୍ରୀଙ୍କ ଦସ୍ତଖତ ଓ ମୋହର

ସମ୍ପାଦିକାଙ୍କ ଦସ୍ତଖତ ଓ ମୋହର